# NATIONAL NEWS BULLETIN (ODIA)

**5 August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଉପରେ ଆଲୋଚନା ଦାବି କରି ସଂସଦର ଉଭୟ ଗୃହରେ ବିରୋଧୀଙ୍କ ହଟ୍ଟଗୋଳ

–ଉଭୟ ସଦନ ଅପରାହ୍ନ ୨ଟା ଯାଏଁ ମୁଲତବୀ

- ଏନ୍‌ଡିଏ ସଂସଦୀୟ ଦଳ ବୈଠକରେ ଅପରେସନ ସିନ୍ଦୂର ଓ ଅପରେସନ ମହାଦେବର ସଫଳତା ନେଇ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା

- ନୂଆଦିଲ୍ଲୀରେ ଫିଲିପାଇନ୍ସ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ବୈଠକ ଆରମ୍ଭ

ଏବଂ

- ୭୦୦ ମିଲିୟନ ଅତିକ୍ରମ କଲା ୟୁପିଆଇ ଆଧାରିତ ଦୈନିକ ଏକୀକୃତ ଦେଣନେଣ ବ୍ୟବସ୍ଥା

## ପାର୍ଲାମେଣ୍ଟ-ଆଡ୍‌ଜର୍ଣ୍ଣ

ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ହଟ୍ଟଗୋଳ ଜାରି ରହିବାରୁ ସଂସଦର ଉଭୟ ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି । ବିରୋଧୀଦଳ ଗୁଡ଼ିକ ପକ୍ଷରୁ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବିଷୟରେ ଆଲୋଚନା ପାଇଁ ଦାବି କରାଯାଇଛି ।

ଆଜି ପୂର୍ବାହ୍ନ ୧୧ଟାରେ ଲୋକସଭା ଆରମ୍ଭ ହେବା ମାତ୍ରେ କଂଗ୍ରେସ, ଡିଏମ୍‌କେ, ଟିଏମ୍‌ସି ଏବଂ ଅନ୍ୟ ବିରୋଧ ଦଳଗୁଡ଼ିକ ଗୃହର ମଧ୍ୟଭାଗକୁ ଆସି ହଇଗୋଳ କରିଥିଲେ । ବାଚସ୍ପତି ଓମ୍ ବିର୍ଲା ହଇଗୋଳ ମଧ୍ୟରେ ପ୍ରଶ୍ନକାଳ ଚଳାଇବାକୁ ଉଦ୍ୟମ କରିଥିଲେ। ବାଚସ୍ପତି କହିଥିଲେ, ବିରୋଧୀ ଦଳସଦସ୍ୟମାନେ ପୂର୍ବ ନିର୍ଦ୍ଧାରିତ ଯୋଜନା ଭଳି ଗୃହକୁ ଚଳାଇ ନ ଦେବା ପାଇଁ ଚେଷ୍ଟା କରୁଛନ୍ତି । ହଇଗୋଳ ପରିସ୍ଥିତି ଜାରି ରହିବାରୁ ସେ ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ଆଜି ଗୃହରେ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନ, ପୂର୍ବତନ ସାଂସଦ ତିଳକଧାରୀ ପ୍ରସାଦ ସିଂ ଏବଂ ରାମରତି ବିନ୍ଦ୍ ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

ରାଜ୍ୟସଭାରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା । ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀଦଳ ଗୁଡ଼ିକ ବିହାର ଭୋଟର ତାଲିକା ସଂଶୋଧନ ଉପରେ ଆଲୋଚନା ଦାବି କରି ହଇଗୋଳ କରିଥିଲେ । ଗୃହରେ  କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ ଯବାନମାନଙ୍କୁ ମୁତୟନ କରିବା ନେଇ ବିରୋଧୀ ଦଳ ସାଂସଦମାନେ ପ୍ରତିକ୍ରିୟା ପ୍ରକାଶ କରିଥିଲେ । ବିରୋଧୀଦଳ ନେତା ମଲ୍ଲିକାର୍ଜୁନ ଖଡଗେ କହିଥିଲେ, ସେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଉପାଧ୍ୟକ୍ଷଙ୍କ ନିକଟକୁ ଏ ସଂପର୍କରେ ଏକ ପତ୍ର ଲେଖିଛନ୍ତି । ଗୃହ ମଧ୍ୟରେ ବିରୋଧୀ ଦଳଗୁଡ଼ିକ ପ୍ରଦର୍ଶନ କରୁଥିବା ବେଳେ ସିଆଇଏସ୍‌ଏଫ୍ ଯବାନଙ୍କୁ କାହିଁକି ମୁତୟନ କରାଯାଇଛି ବୋଲି ସେ ପ୍ରଶ୍ନ କରିଥିଲେ । ଅଭିଯୋଗକୁ ଖଣ୍ଡନ କରି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଥିଲେ, ଗୃହ ମଧ୍ୟରେ

ମାର୍ଶାଲଙ୍କ  ପ୍ରବେଶ କରିପାରିବା ନେଇ ଅନୁମତି ରହିଛି । ଶ୍ରୀ ଖଡଗେ ଭୁଲ୍ ତଥ୍ୟ ଦେଉଛନ୍ତି ବୋଲି ସେ ଅଭିଯୋଗ କରିଥିଲେ । ଗୃହର ନେତା ଜେ.ପି. ନଡ୍ଡା ଗୃହକାର୍ଯ୍ୟରେ ବାଧାସୃଷ୍ଟି କରିବା ଅଗଣତାନ୍ତ୍ରିକ ଏବଂ ସାମ୍ବିଧାନିକ ବ୍ୟବସ୍ଥାର ପରିପନ୍ଥୀ ବୋଲି କହିଥିଲେ । **V/O (Nadda)**

ଉପାଧ୍ୟକ୍ଷ ହରିବଂଶ କ୍ରମାଗତ ଭାବେ ଗୃହକୁ ନ ଚଳାଇଦେବା ନେଇ କହିଥିଲେ, ବିରୋଧୀ ଦଳଗୁଡ଼ିକ ଜାଣିଶୁଣି ଗୃହକାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି । ତେବେ ଗୃହକାର୍ଯ୍ୟ ଚଳାଇବା ସମ୍ଭବ ନ ହେବାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ରାଜ୍ୟସଭାକୁ ମଧ୍ୟ ମୁଲତବୀ ଘୋଷଣା କରାଯାଇଛି ।

## ଏନ୍‌ଡିଏ-ମିଟିଂ

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ-ଏନଡିଏ ର ସଂସଦୀୟ ଦଳ ବୈଠକ ଆଜି ନୂଆଦିଲ୍ଲୀସ୍ଥିତ ସଂସଦ ଭବନରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ବିଜେପି ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ଏନ୍‌ଡିଏର ଅନ୍ୟ ସାଂସଦମାନେ ବୈଠକରେ ଉପସ୍ଥିତ ଥିଲେ ।

ବୈଠକରେ ଅପରେସନ ସିନ୍ଦୂର ଏବଂ ଅପରେସନ ମହାଦେବର ସଫଳତା ନେଇ ସଂସଦୀୟ ଦଳର ସଦସ୍ୟମାନେ ପ୍ରଧାନମନ୍ତ୍ରୀଙ୍କୁ ସମ୍ମାନିତ କରିଥିଲେ । ବୈଠକରେ ସେନାବାହିନୀର ସଫଳ ଭୂମିକା ନେଇ ଏକ ପ୍ରସ୍ତାବ ପାରିତ ହୋଇଥିଲା । ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ନାଗରିକଙ୍କ ପ୍ରତି ବୈଠକରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ବୈଠକ ସଂପର୍କରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି:  **V/O**

ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଏବଂ ଦୂରଦୃଷ୍ଟି କୋଟିକୋଟି ଭାରତୀୟଙ୍କ ହୃଦୟରେ ଏକତା ଭାବ ସୃଷ୍ଟି କରିବା ସହ ଦେଶକୁ ପ୍ରତିଟି କ୍ଷେତ୍ରରେ ଗୌରବାନ୍ୱିତ କରିଛି ବୋଲି ପ୍ରଶଂସା କରାଯାଇଛି ।

ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଅନୁଯାୟୀ ପ୍ରତିରକ୍ଷା କ୍ଷେତ୍ରରେ ହୋଇଥିବା ସଂସ୍କାର ଯୋଗୁଁ ଅପରେସନ ସିନ୍ଦୂରରେ ସେନାର ସଫଳତା ନେଇ ପ୍ରଶଂସା କରାଯାଇଛି । ସରକାର ବିକଶିତ ଭାରତ ଲକ୍ଷ୍ୟ ପୂରଣ ନେଇ ଉଦ୍ୟମ କରୁଛନ୍ତି ଏବଂ ଦୃଢ଼ ଓ ଶାନ୍ତିପୂର୍ଣ୍ଣ ଭାବେ ଏହା କରାଯାଉଛି ବୋଲି କୁହାଯାଇଛି ।

---

## ପିଏମ୍-ଫିଲିପାଇନ୍ସ ପ୍ରେସ୍ ଟକ୍

ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଣ୍ଡ ଆର୍ ମାର୍କୋସ୍ ଜୁନିୟର୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ବୈଠକ ଆରମ୍ଭ ହୋଇଛି । ଶ୍ରୀ ମାର୍କୋସ୍ ପାଞ୍ଚ ଦିନିଆ ଭାରତ ଗସ୍ତରେ ଆସି ଗତକାଲି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବାରେ ଏହି ବୈଠକ ବେଶ୍ ସହାୟକ ହେବ । ବାଣିଜ୍ୟ, ନିବେଶ, ପ୍ରତିରକ୍ଷା ଏବଂ ସୁରକ୍ଷା, ସାମଗ୍ରୀକ ସହଯୋଗ, କୃଷି, ସ୍ୱାସ୍ଥ୍ୟସେବା, ଔଷଧ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ନେଇ ଏହି ପ୍ରତିନିଧି ସ୍ତରୀୟ ବୈଠକରେ ମତ ବିନିମୟ ହେବାର ଆଶା କରାଯାଉଛି । କେତୋଟି ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇପାରେ । ଉଭୟ ଦେଶ ମଧ୍ୟରେ ଅର୍ଥନୈତିକ ସମ୍ପର୍କ ଦୃଢ଼ ରହିଛି । ୨୦୨୩-୨୪

ଆର୍ଥିକ ବର୍ଷରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୩ ଦଶମିକ୍ ୫ ବିଲିୟନ୍ ଆମେରିକୀୟ ଡଲାର୍‌ରେ ପହଞ୍ଚିଥିଲା ।

ଆଜି ସକାଳେ ଫିଲିପାଇନ୍ସ ରାଷ୍ଟ୍ରପତିଙ୍କୁ ରାଷ୍ଟ୍ରପତି ଭବନ ପ୍ରାଙ୍ଗଣରେ ସ୍ୱାଗତ କରାଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତିରେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା ।

ଫିଲିପାଇନ୍ସ ରାଷ୍ଟ୍ରପତି ଆଜି ସକାଳେ ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

---

# ପିଏମ୍-କର୍ତ୍ତବ୍ୟ ଭବନ

ନୂଆଦିଲ୍ଲୀର କର୍ତ୍ତବ୍ୟପଥ ଠାରେ ନିର୍ମିତ କର୍ତ୍ତବ୍ୟ ଭବନକୁ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିବେ । ଏହି ଅବସରରେ ଏକ ସାଧାରଣ ସଭାକୁ ଶ୍ରୀ ମୋଦୀ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । କେନ୍ଦ୍ରୀୟ ପ୍ରଶାସନିକ ସେବା ପ୍ରକ୍ରିୟାକୁ ଅଧିକ ସୁଗମ କରିବା ଲକ୍ଷ୍ୟ ନେଇ ଗ୍ରହଣ କରାଯାଉଥିବା ପଦକ୍ଷେପର କର୍ତ୍ତବ୍ୟ ଭବନ ହେଉଛି ଏକ ଅଂଶ । ସାଧାରଣ କେନ୍ଦ୍ରୀୟ ସଚିବାଳୟ ଅଟ୍ଟାଳିକା ମଧ୍ୟରୁ ଏହା ପ୍ରଥମ ହେବ ।

କେନ୍ଦ୍ର ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହରଲାଲ୍ ଖଟ୍ଟର କହିଛନ୍ତି, ଦିଲ୍ଲୀର ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗ ସହ ସମନ୍ୱୟ ରକ୍ଷା କରି ଦକ୍ଷତା, ନବସୃଜନ ଏବଂ ସହଯୋଗକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ କର୍ତ୍ତବ୍ୟ ଭବନ ପ୍ରସ୍ତୁତ କରାଯାଇଛି ।  ଆଜି ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ପ୍ରାୟ ଦେଢ଼ ଲକ୍ଷ ବର୍ଗ ମିଟର ଅଞ୍ଚଳରେ ନିର୍ମିତ ଏହି

ଅତ୍ୟାଧୁନିକ କାର୍ଯ୍ୟାଳୟରେ ଦୁଇଟି ବେସ୍‌ମେଣ୍ଟ ଏବଂ ୭ଟି ମହଲା ରହିଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଆଧୁନିକ, ଦକ୍ଷ ଏବଂ ନାଗରିକ କୈନ୍ଦ୍ରୀକ ଶାସନ ଦୃଷ୍ଟିକୋଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାର ଏହା ଏକ ପ୍ରତିଫଳନ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି । **V/O**

## ୟୁପିଆଇ-ରେକର୍ଡ

ୟୁପିଆଇ ଆଧାରିତ ଦୈନିକ ଏକୀକୃତ ଦେଣନେଣ ବ୍ୟବସ୍ଥା ପ୍ରଥମଥର ପାଇଁ ୭ଶହ ମିଲିୟନ୍ ଅତିକ୍ରମ କରି ୭୦୭ ମିଲିୟନରେ ପହଞ୍ଚିଛି । ଭାରତୀୟ ଜାତୀୟ ଦେୟ ନିଗମ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଚଳିତମାସ ୨ ତାରିଖରେ ପ୍ରଥମଥର ପାଇଁ ଏକୀକୃତ ଦେଣନେଣ ବ୍ୟବସ୍ଥା-ୟୁପିଆଇ ଏହି ସଫଳତା ହାସଲ କରିଛି । ଗତ ୨ବର୍ଷ ମଧ୍ୟରେ ଦୈନିକ କାରବାର ସଂଖ୍ୟା ଦ୍ୱିଗୁଣିତ ହୋଇଥିବା ବେଳେ ପୂର୍ବବର୍ଷ ତୁଳନାରେ କାରବାର ପରିମାଣ ବୃଦ୍ଧି ହ୍ରାସ ପାଇଛି । ସରକାର ୟୁପିଆଇ ମାଧ୍ୟମରେ ଦୈନିକ ୧୦୦ କୋଟି କାରବାର କରିବା ଲାଗି ଲକ୍ଷ୍ୟ ରଖିଥିବାବେଳେ ଆଗାମୀବର୍ଷ ଗୁଡ଼ିକରେ ଏହି ଲକ୍ଷ୍ୟ ହାସଲ ହୋଇପାରିବ ବୋଲି ଆକଳନ କରାଯାଇଛି ।

ଗତମାସରେ ୟୁପିଆଇ ୨୫ଲକ୍ଷ କୋଟି ଟଙ୍କାରୁ ଅଧିକ କାରବାର କରି ୧୯ ଦଶମିକ ୫ ବିଲିୟନ କାରବାର ରେକର୍ଡ କରିଛି । ଏବେ ଭାରତରେ ସମସ୍ତ ଡିଜିଟାଲ କାରବାର ୮୫ ପ୍ରତିଶତ ହେଉଥିବା ବେଳେ ବିଶ୍ୱରେ ଭାରତ ୫୦ ପ୍ରତିଶତ କାରବାର କରୁଛି ।

---

# ଏଲ୍ଏସ୍-ଫାର୍ମର୍ସ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି, ଗତ ୧୧ବର୍ଷ ମଧ୍ୟରେ କୃଷକମାନଙ୍କ ଆୟ ବୃଦ୍ଧି ଦିଗରେ ସରକାର ଅନେକ ଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି । ଲୋକସଭାରେ ଆଜି ପ୍ରଶ୍ନକାଳ ସମୟରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି, ପିଏମ୍ କିଷାନ ସମ୍ମାନନିଧି ଯୋଜନାରେ କୃଷକମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୪ଲକ୍ଷ କୋଟି ଟଙ୍କା ପଠାଯାଇଛି । ସେହିପରି କୃଷକଙ୍କୁ ସାର ରିହାତି ବାବଦରେ ମଧ୍ୟ ୧୪ଲକ୍ଷ କୋଟିରୁ ଅଧିକ ଟଙ୍କା ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି ।

# ଡୁରାଣ୍ଡ କପ୍

ଡୁରାଣ୍ଡ କପ୍ ୨୦୨୫ ଗ୍ରୁପ୍-ଏଫ୍ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ରିୟଲ୍ କାଶ୍ମୀର ଏଫ୍.ସି. ୨-୧ ଗୋଲ୍‌ରେ ଟ୍ରାଉ ଏଫ୍.ସି.କୁ ପରାସ୍ତ କରିଛି । ଏମ୍ଫାଲ୍‌ର ଖୁମାନ୍ ଲାମ୍ପାକ୍ ମେନ୍ ଷ୍ଟାଡିୟମ୍ ଠାରେ ଏହି ମ୍ୟାଚ୍ ଖେଳାଯାଇଥିଲା । ଗ୍ରୁପ୍-ଏଫ୍ ପର୍ଯ୍ୟାୟ ତାଲିକାରେ ଇଣ୍ଡିଆନ୍ ନାଭି ଶୀର୍ଷ ସ୍ଥାନରେ ଥିବା ବେଳେ ରିୟଲ୍ କାଶ୍ମୀର ଏଫ୍.ସି. ଦ୍ୱିତୀୟ ସ୍ଥାନରେ ରହିଛି । ଟ୍ରାଉ ଏଫ୍.ସି. ଏବଂ ନେରୋକା ଏଫ୍.ସି. ମିଳିତ ଭାବେ ତୃତୀୟ ସ୍ଥାନରେ ରହିଛନ୍ତି । ନେରୋକା ଏଫ୍.ସି. ଏବଂ ଇଣ୍ଡିଆନ୍ ନାଭି ମଧ୍ୟରେ ଆସନ୍ତା ଗୁରୁବାର ଦିନ ମ୍ୟାଚ୍ ଖେଳାଯିବ ।